**ବିରିଡିରେ ୬୧୭ ଜଣ ଯୁବବର୍ଗଙ୍କୁ ଟିକାକରଣ**

ବିରିଡି, (ଡି.ଏନ.ଏ.): ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଗଲପୁର ଓ ଅଡଙ୍ଗଗଡ ହେଲ୍‌ଥ ଆଣ୍ଡ ୱେଲନେସ ସେଣ୍ଟରରେ ବୁଧବାର ପ୍ରଥମକରି ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଛି। ଏହି ୩ଗୋଟି ଟିକା କେନ୍ଦ୍ରରେ ବର୍ଷା ସତ୍ତ୍ୱେ ଭିଡ ପରିଲକ୍ଷିତ ହୋଇଥିଲା। ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୭୬, ଅଡଙ୍ଗଗଡରେ ୧୬୬ ଓ ବାଗଲପୁର କେନ୍ଦ୍ରରେ ୧୭୫ ଜଣଙ୍କୁ ଟିକାଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କୋଭିଡ୍ ଦାୟିତ୍ୱରେ ଥିବା ଡା. ଲୋକନାଥ ସାହୁ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ୨୪ରୁ ୨୯ ଗାଁରେ ହେବ କୋଭିଡ୍ ଟେଷ୍ଟ

ବାଲିଆ, ୨୩।୬: ବିରିଡି ବ୍ଲକର ବିଭିନ୍ନ ଗାଁରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ସ୍ୱରୂପ ଆସନ୍ତା ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ କୋଭିଡ ଟେଷ୍ଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୋଭିଡ-୧୯ ନିରୀକ୍ଷକ ଡା. ଲୋକନାଥ ସାହୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପ୍ରତିଦିନ ପ୍ରଥମେ ବିରିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୂର୍ବଭଳି ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ କୋଭିଡ୍ ଟେଷ୍ଟ କରାଯିବ। ପରେ ୨୪ ତାରିଖ ଦିନ ପଟୁଆରିର ଅଙ୍ଗନୱାଡି କେନ୍ଦ୍ର, ୨୫ରେ ଉତ୍ତରଶାସନ ଅଙ୍ଗନୱାଡି କେନ୍ଦ୍ର, ୨୬ରେ ଅଡଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର, ୨୭ରେ ମଇନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ୨୯ରେ ନଇଁଲୋ ଅଙ୍ଗନୱାଡି କେନ୍ଦ୍ରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଲେ ୨ ବିଶେଷଜ୍ଞ ଡାକ୍ତର

କଳିଙ୍ଗନଗର, ୨୩।୬(ଡି.ଏନ.ଏ.): ଦୀର୍ଘବର୍ଷ ଧରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଶିଶୁ ଓ ଭେଷଜ ବିଶେଷଜ୍ଞ ପଦବୀରେ ବୁଧବାର ଦୁଇ ଡାକ୍ତର ଯୋଗ ଦେଇଛନ୍ତି। ସେମାନେ ହେଲେ ଶିଶୁରୋଗ ବିଶେଷଜ୍ଞ ଡା. ରାଧାମାଧବ ସାହୁ ଏବଂ ଭେଷଜ ବିଶେଷଜ୍ଞ (ମେଡିସିନ୍) ଡା. ଜ୍ଞାନରଞ୍ଜନ ପରିଡ଼ା। ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଶିଶୁ ରୋଗ, ଭେଷଜ ଓ ଅସ୍ତ୍ରିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର କେହି ନ ଥିଲେ। ଯେଉଁଥି ପାଇଁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଦୂରଦୁରାନ୍ତରୁ ଆସୁଥିବା ରୋଗୀ ବାଧ ହୋଇ ଯାଜପୁରରୋଡ ଡାକ୍ତରଖାନାକୁ ଯାଉଥିଲେ। ତେଣୁ ଡାକ୍ତର ପଦବୀ ପୂରଣ ପାଇଁ ସୁକିନ୍ଦା ଜନସାଧାରଣ ବହୁବାର ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡ଼ାଇଙ୍କ ନିକଟରେ ଦାବି କରି ଆସୁଥିଲେ। ତେବେ ସୁକିନ୍ଦା ଓ ଦାନଗଦି ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ବିଧାୟକ ଘଡ଼ାଇ ବହୁବାର ଦାବି କରିଥିଲେ। ତାଙ୍କ ଦାବି ରଖି ସରକାର ଦୁଇ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ସୁକିନ୍ଦା ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏବଂ ବିଧାୟକ ଘଡ଼ାଇଙ୍କୁ କୃତଜ୍ଞତା ଜଣାଇଛନ୍ତି।

### କରୋନାରେ ପୂର୍ବତନ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

ବିରିଡି, ୨୩।୬(ଡି.ଏନ.ଏ.): ବିରିଡି ବ୍ଲକ ଦଣ୍ଡିଲୋ ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ବେହେରା (୬୬)ଙ୍କ କରୋନାରେ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ବେହେରା ପ୍ରଥମେ ପୁରଣ ଓ ଅଳକା ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କରି ବେଶ ପ୍ରଶଂସିତ ହୋଇଥିଲେ। କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ତାଙ୍କର ସହକର୍ମୀ ଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ଦାଶଙ୍କ ସହ ଛାତ୍ରୀ ମଧୁସ୍ମିତା ପାଲ, ସସ୍ମିତା ଦାଶ, ଆଇନଜୀବୀ ରଶ୍ମିକାନ୍ତ ବେହେରା, ହୃଷୀକେଶ ଦାସ, ଜୀବନକାନ୍ତ ଦାଶ, କୀର୍ତ୍ତି ସାହୁ, ସାମାଜିକ କର୍ମୀ ଗୟାଧର ମହାନ୍ତି, ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ଅଜୟ ଭୋଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ନଷ୍ଟ ହେବ ଜାତୀୟ ଉଦ୍ୟାନ ପରିବେଶ

**ଉପକୂଳ ରାଜପଥ ନିର୍ମାଣ ଯୋଜନା**

- ଜିଲ୍ଲାରେ ବିରୋଧ ପାଇଁ ପରିବେଶବିତଙ୍କ ସଜବାଜ
- ଗହୀରମଥାକୁ ଆସିବେ ନାହିଁ ଅଲିଭ ରିଡ୍‌ଲେ
- ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାକୁ ନେଇ ଆଶଙ୍କା

କେନ୍ଦ୍ରାପଡା ଅଫିସ, ୨୩।୬

କେନ୍ଦ୍ର ସରକାରଙ୍କ ଭାରତମାଳା ପରି ଯୋଜନା ଅନ୍ତର୍ଭୁକ୍ତ ଉପକୂଳ ରାଜପଥ ନିର୍ମାଣର ସଂଶୋଧିତ ଚିଠା ନକ୍ସା ସମ୍ପର୍କରେ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ମଙ୍ଗଳବାର ହୋଇଯାଇଛି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ ଜେନା, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା, ରାଜସ୍ୱ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଓଡ଼ିଶା ମୁଖ୍ୟ ପରିଚାଳକ ରାମ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରେ ରାଜ୍ୟର ଅନ୍ୟ କେତେକ ଜିଲା ସମେତ କେନ୍ଦ୍ରାପଡ଼ା ଜିଲାର ୪୯ କି.ମି. ରାସ୍ତା ଉପକୂଳ ରାଜପଥରେ ସାମିଲ ହେବ ବୋଲି ସୂଚନା ମିଳିଛି। ଏହି ରାସ୍ତା ଜମ୍ବୁ ଜଙ୍ଗଲ, ଗହୀରମଥା ରେଞ୍ଜ ଅଞ୍ଚଳ ଓ ଜାତୀୟ ଉଦ୍ୟାନ ମଧ୍ୟସ୍ଥ ସାତଭାୟା ଦେଇ ଧାମରା ଛୁଇଁବ। ସେହିପରି କେତେକ ନଦୀ ନାଳରେ ପୋଲ ହେବ। ଓଡ଼ିଶା ଉପକୂଳରେ ଥିବା ବନ୍ଦରଗୁଡ଼ିକ ସଂଯୋଗ ସହ ପର୍ଯ୍ୟଟନ ଓ ସାମାଜିକ ବିକାଶ ତଥା ଗମନାଗମନକୁ ସହଜ ହେବ ବୋଲି ପରିକଳ୍ପନା କରାଯାଇଛି। ମାତ୍ର କେନ୍ଦ୍ରାପଡ଼ାର ପରିବେଶବିତମାନେ ଯୋଜନାର ପ୍ରତିକୂଳ ପ୍ରଭାବ ନେଇ ଆଶଙ୍କା ପ୍ରକଟ କରିଛନ୍ତି। ଏହି ରାଜପଥ ଯୋଗୁ ଜାତୀୟ ଉଦ୍ୟାନର ଜୈବ ବିବିଧତା ଓ ପ୍ରାକୃତିକ ପରିବେଶ ନଷ୍ଟ ହେବ ବୋଲି ମତ ଦେଇଛନ୍ତି।

ଜାତୀୟ ଉଦ୍ୟାନ ମଧ ଦେଇ ଏହି ରାଜପଥକୁ ବିରୋଧ ପାଇଁ ଏକ ବୈଠକ ଡକା ଯାଇଥିବା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସଂରକ୍ଷଣ ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି। ସେ ଦର୍ଶାଇଛନ୍ତି, ୧୯୭୫ରେ ୬୭୨ ବର୍ଗ କି.ମି. ଅଞ୍ଚଳକୁ ଭିତରକନିକା ଅଭୟାରଣ୍ୟ ଘୋଷଣା କରାଯାଇଥିବା ବେଳେ ୧୯୯୮ରେ ୧୪୫ ବର୍ଗ କି.ମି. ଅଞ୍ଚଳ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି। ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ରାମସାର ସାଇଟ ଭାବେ ଭିତରକନିକାକୁ ନିଆଯାଇଛି। ଏହାର ଆର୍ଦ୍ରଭୂମି, ବନ୍ୟଜନ୍ତୁ, ଜୈବ ବିବିଧତା ପ୍ରକୃତିପ୍ରେମୀଙ୍କୁ ସର୍ବଦା ଆକୃଷ୍ଟ କରିଥାଏ। ଏହି ଅଞ୍ଚଳ ଦେଇ ଉପକୂଳ ରାଜପଥ ନିର୍ମାଣ ହେଲେ ପ୍ରକୃତି ସହ ବନ୍ୟଜନ୍ତୁ, ସାମୁଦ୍ରିକ ପ୍ରାଣୀ, ସମୁଦ୍ର ପ୍ରାଚୀର ଭାବେ କାର୍ଯ୍ୟ କରୁଥିବା ହେନ୍ତାଳ ବଣ ନଷ୍ଟ ହେବ। ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଅନିରୁଦ୍ଧ ରାଉତ କହିଛନ୍ତି, ରାଜପଥରେ ଗାଡିମୋଟର ଯାତାୟାତ ଫଳରେ ଆଲୋକରେ ପ୍ରବାହିତ ହୋଇ ଅଲିଭ ରିଡଲେ ଏଠାକୁ ଆସିବେ ନାହିଁ। ଏପରି ଘଟଣା ପୂର୍ବରୁ ଦେଖିବାକୁ ମିଳିଛି। ପୁରୀ ଜିଲା ବ୍ରହ୍ମଗିରି ରେଞ୍ଜର ବଙ୍ଗୋପସାଗର ଉପକୂଳରେ ଥିବା ମଙ୍ଗଳା ନଈଠାରୁ ହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ୨୫ କି.ମି. ତଟ ଅଞ୍ଚଳରେ ଏହି କଇଁଛ ଅଣ୍ଡାଦାନ କରୁଥିଲେ। ତେବେ ୨୦୧୪ଠାରୁ ଏଠାରେ ଅଲିଭ ରିଡଲେଙ୍କୁ ଦେଖିବାକୁ ମିଳୁନାହିଁ। ଉପକୂଳ ରାଜପଥ ଯୋଗୁ ଗହୀରମଥା ମଧ ଆଗାମୀ ଦିନରେ ଏପରି ଅବସ୍ଥା ଦେଖାଦେବ। ରାଜନଗର ବ୍ଲକ ଗୋବର୍ଦ୍ଧନପୁର ଗାଁର ଦାମୋଦର ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବିତ ଉପକୂଳ ରାଜପଥରେ ଘରୋଇ ବନ୍ଦରର ମାଲ ପରିବହନ ହେବ। ଯାହା ସମୁଦ୍ର ଉପକୂଳର ନକ୍ସା ବଦଳାଇ ଦେବ। ନକ୍ସା ପ୍ରସ୍ତୁତି ପୂର୍ବରୁ ସ୍ଥାନୀୟ ଲୋକଙ୍କ ମତ ନେବା ଆବଶ୍ୟକ। ତଟା ଅଞ୍ଚଳର ମତ୍ସ୍ୟଜୀବୀ ଏଥିରେ ପ୍ରଭାବିତ ହେବାକୁ ଥିବାରୁ ରାଜପଥ ନିର୍ମାଣ ବିରୋଧରେ ଆନ୍ଦୋଳନ ହେବ।

# ଭିଜିଲାନ୍ସ ତଦନ୍ତ ଦାବି



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ**

ଯାଜପୁର ଟାଉନ, ୨୩।୬(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଜରି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ବ୍ୟାପକ ଅନୟିମିତା ହୋଇଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଛି। ଜରି ପଞ୍ଚାୟତ ସମିତିସଭ୍ୟ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ଶ୍ରମିକ କିଶୋର ମଳିକ, ମହେଶ୍ୱର ମଳିକ, ଦୁର୍ଯ୍ୟୋଧନ ମଳିକ, ପ୍ରକାଶ ମଳିକ, ପ୍ରତାପ ମଳିକ, ସୁରେନ୍ଦ୍ର ଜେନା ପ୍ରମୁଖ ଯାଜପୁର ଜିଲାପାଳ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଜରି ଯାଜପୁର ଜିଲାର ସର୍ବାଧିକ ଶ୍ରମିକ ବହୁଳ ପଞ୍ଚାୟତ। ଜରିରେ ସର୍ବାଧିକ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ହେତୁ ୨୦୧୦ରେ ପଞ୍ଚାୟତର ତତ୍କାଳୀନ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା। କିନ୍ତୁ ଏବେ ପଞ୍ଚାୟତରେ ଶ୍ରମିକ ଲକ୍‌ଡାଉନ୍‌ରେ ଜୀବନ ଓ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ମାତ୍ର କେତେଜଣ ଲୋକ ପ୍ରତିନିଧି ପ୍ରଶାସନ ସହ ଅସାଧୁ ମେଣ୍ଟ କରି ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କା ଅର୍ଥକୁ ବାଟମାରଣା କରି ମାଲାମାଲ ହେଉଛନ୍ତି। ଅଦୌ କାର୍ଯ୍ୟ କରା ନ ଯାଇ ଅଣ ଶ୍ରମିକଙ୍କ ନାମରେ ମିଥ୍ୟା ମାଷ୍ଟରରୋଲ୍ ମେଣ୍ଟେନ୍ କରାଯାଇ ବ୍ୟାଙ୍କରୁ ଟଙ୍କା ଉଠାଯାଉଛି। ବର୍ତ୍ତମାନ ପଞ୍ଚାୟତର ୫୦୦ ଶ୍ରମିକ ପରିବାର ଉପାସରେ ରହିଛନ୍ତି। ମାତ୍ର ରେକର୍ଡରେ ୨୨ଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ ହେଉଥିବା ୱେବ୍‌ସାଇଟ୍‌ରେ ତଥ୍ୟ ମିଳୁଛି। ଏ ସମ୍ପର୍କରେ ୧ ମାସ ତଳେ ସମିତିସଭ୍ୟ ସାମଲ ଇମେଲ୍ ଯୋଗେ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଞ୍ଝାରପୁର ବିଡିଓ ଓ ମୁଖ୍ୟ ଶାସନସଚିବ ପ୍ରମୁଖଙ୍କୁ ଜଣାଇଥିଲେ। ତେବେ ଏହାକୁ କେହି ଗୁରୁତ୍ୱ ନଦେବାରୁ ପୁନଃ ସାମଲଙ୍କ ନେତୃତ୍ୱରେ ଉପରୋକ୍ତ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୭ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୨୮ରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କୁ ନେଇ ଆମରଣ ଅନଶନ କରିବେ ବୋଲି ସାମଲ ଚେତାବନୀ ଦେଇଛନ୍ତି।

# ଅଙ୍ଗନୱାଡି, ବିଦ୍ୟାଳୟ ଭିତ୍ତିଭୂମି ଉପରେ ଗୁରୁତ୍ୱ

ରାଜନଗର, ୨୩।୬ (ଡି.ଏନ.ଏ.)

ରାଜନଗର ପଞ୍ଚାୟତ ସମିତି ବୈଠକ ବୁଧବାର ସମିତି ଅଧ୍ୟକ୍ଷ ଜୟୀରାମ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଛି। ଭର୍ଚୁଆଲ ମୋଡରେ ଅନୁଷ୍ଠିତ ବୈଠକରେ ସମିତି ସଭାଗୃହରେ ଅଧ୍ୟକ୍ଷଙ୍କ ସହ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ପ୍ରତିହାରୀ, ଏବିଡିଓ ଶ୍ରୀକାନ୍ତ ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ଜିପିଇଓ ଧର୍ମାନନ୍ଦ ଦାସ, କନିଷ୍ଠଯନ୍ତ୍ରୀ ଦେବରଞ୍ଜନ ବେହେରା, ଅର୍ପଣ କୁମାର ମଲ୍ଲିକ, ଅର୍ଦ୍ଧେନ୍ଦୁ ନାୟକ, ପ୍ରଭାତ କୁମାର ମାଝି, ଅସୀତ ସୁନ୍ଦରରାୟ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ଉପସ୍ଥିତ ଥିଲେ। ବିଡିଓ ସରକାରଙ୍କ ବିଭିନ୍ନ ଯୋଜନା ଓ ନିଷ୍ପତ୍ତି ସମ୍ପର୍କରେ ମତ ରଖିଥିଲେ। ବ୍ଲକର ସମସ୍ତ ଅଙ୍ଗନୱାଡି ସହ ୧୦୦ଟି ବିଦ୍ୟାଳୟକୁ ମଡେଲ ସ୍କୁଲ କରିବାକୁ ନିଷ୍ପତ୍ତି ହୋଇଛି। ସହରାଞ୍ଚଳର ପ୍ରାଇଭେଟ ସ୍କୁଲ ଭଳି ବିଦ୍ୟାଳୟର ଶ୍ରେଣୀଗୃହକୁ ସ୍ମାର୍ଟ କ୍ଲାସରୁମ କରିବାକୁ ନିଷ୍ପତ୍ତି ହୋଇଛି। ଗ୍ରାମାଞ୍ଚଳର ପିଲାମାନେ ଯେପରି ବେସରକାରୀ ବିଦ୍ୟାଳୟକୁ ନ ଯାଇ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ଉନ୍ନତ ଶ୍ରେଣୀ ଗୃହ ପ୍ରସ୍ତୁତ କରାଯିବ। ଏଥିସହ ୨୦୨୦-୨୧ ଓ ୨୦୨୧-୨୨ର ଏସ୍‌ଏଫସି ଓ ୨୦୨୧-୨୨ର ସିଏଫସିର ବଜେଟ ପ୍ରସ୍ତୁତ କରାଯାଇଥିଲା। ବୈଠକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା।





ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ

**ଭର୍ଚୁଆଲରେ ରାଜନଗର ପଞ୍ଚାୟତ ସମିତି ବୈଠକ**

ରାଜନଗର, ଚାନ୍ଦିବାଉଁଶମୂଳ, ଡାଙ୍ଗମାଳ ଓ ବଡପଲ୍ଲୀଠାରେ ସଲିଡ ୱେଷ୍ଟ ମ୍ୟାନେଜ ମେଣ୍ଟ (କଠିନ ବର୍ଜ୍ୟବସ୍ତୁ ପରିଚାଳନା) ପାଇଁ ନିଷ୍ପତ୍ତି ନିଆଯାଇଛି। ଏଠାରେ ରିସାଇକ୍ଲିଙ୍ଗ୍ କରି ବର୍ଜ୍ୟବସ୍ତୁକୁ ଖତରେ ପରିଣତ କରାଯିବ। ତାହାକୁ ଚାଷ କ୍ଷେତ୍ରରେ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ପାନୀୟ ଜଳ, ସାନିଟାଇଜେଶନ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ କରାଯିବ। ସରପଞ୍ଚ ଓ ସମିତିସଭ୍ୟମାନେ ପଞ୍ଚାୟତର ବିଭିନ୍ନ ପ୍ରୋଜେକ୍ଟ ସମ୍ପର୍କରେ ମତ ରଖିଥିଲେ।

## ମୁଖ୍ୟ ଅଭିଯୁକ୍ତ ଗିରଫ

**ମହେନ୍ଦ୍ର ଦାସ ହତ୍ୟା ଘଟଣା**

ଡେ଼ରାବିଶ, ୨୩।୬(ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା (ମିର୍ଜାଇପାଟଣା) ଗ୍ରାମର ମହେନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସଞ୍ଜିତ ଦାସଙ୍କ ସ୍ତ୍ରୀ ହରପ୍ରିୟା (୩୨)ଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଗତ ମେ ୨୯ ତାରିଖରେ ମହେନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୨୦/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହରପ୍ରିୟା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ, ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି।

# ରାସ୍ତାରେ ଗ୍ୟାସ୍ ଚୋରା ବ୍ୟବସାୟ ସନ୍ଦେହ

ଚଣ୍ଡିଖୋଲ, ୨୩।୬(ଡି.ଏନ.ଏ.)

ରନ୍ଧନ ଗ୍ୟାସ୍ ବିତରକ କମ୍ପାନୀମାନେ ଖାଉଟିଙ୍କୁ ସହଜ ଓ ସୁବିଧାରେ ସେବା ଯୋଗାଇ ଦେବା ପାଇଁ ଡିଲର ନିଯୁକ୍ତି କରିଛନ୍ତି। ନିୟମ ଅନୁଯାୟୀ କମ୍ପାନୀ ନିକଟରୁ ଗ୍ୟାସ୍ ବୋଝେଇ କରି ଆସୁଥିବା ଗାଡ଼ି ଗ୍ରାମାଞ୍ଚଳରେ ଥିବା ବିତରଣ କେନ୍ଦ୍ରରେ ପହଞ୍ଚି ସେଠାରେ ଖାଲି କରିବା କଥା। ତେବେ ଘରୋଇ ଇନ୍ଧନ ପାଇଁ ଆସୁଥିବା ଗ୍ୟାସ୍‌ଗୁଡ଼ିକୁ ବାଣିଜ୍ୟିକ କାରବାରରେ ବ୍ୟବହାର କରାଯାଉଥିବାରୁ ଗ୍ୟାସ୍‌ର ଚୋରା ବ୍ୟବସାୟ ଚାଲୁଛି। ମଙ୍ଗଳବାର ଏକ କମ୍ପାନୀର ଗ୍ୟାସ୍ ବୋଝେଇ ଗାଡ଼ି ବାଲିଚନ୍ଦ୍ରପୁର ନିକଟ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇ ଛୋଟ ଗାଡ଼ିକୁ ଗ୍ୟାସ୍ କାଢ଼ି ଦେଉଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ କେତେଜଣ ଲୋକ ପ୍ରଶ୍ନ ଉଠାଇବାରୁ ସମ୍ପୃକ୍ତ ଗାଡ଼ି ସେଠାରୁ ପଳାଇଥିଲା। ଗ୍ୟାସ୍ ଚୋରା ବ୍ୟବସାୟ ଅସଲି କି ନ କଲି ତାହା ଜଣାପଡ଼ିନାହିଁ। ବିତରକ କମ୍ପାନୀଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

# ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ

ନାଉଗାଁ, ୨୩।୬(ସ୍ୱ.ପ୍ର.)

ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ମତ୍ସ୍ୟ ଚାଷୀଙ୍କୁ ଅଗ୍ରାଧିକାର ପାଇଁ ନୂତନ ପୋଖରୀମାନ ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତରେ ଖୋଳାଯାଉଛି। କିନ୍ତୁ ବିଭାଗ ଦ୍ୱାରା ବ୍ଲକରେ ୨୦୨୦-୨୧ ଆର୍ଥିକ ବର୍ଷରେ ଖୋଳା ଯାଇଥିବା ପୋଖରୀରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗଜରାଜପୁର ପଞ୍ଚାୟତର ବଟକୃଷ୍ଣ ପାଢୀ, ପ୍ରଶାନ୍ତ ପାଢୀ, ଜ୍ଞାନରଞ୍ଜନ ପାଢୀ, ପଦ୍ମ ଚରଣ ଦାସ, ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଜିଲାପାଳଙ୍କୁ ଡାକ ଯୋଗେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ନୂତନ ପୋଖରୀ ବଦଳରେ ହିତାଧିକାରୀ ପୁରୁଣା ପୋଖରୀ ଦେଖାଇ ବିଲ କରିବାର ମସୁଧା ଚଳାଇଛନ୍ତି। ଏପରି କି କେତେଜଣ ହିତାଧିକାରୀ ବ୍ଲକ ଦ୍ୱାରା ପ୍ରଦାନ କରାଯାଉଥିବା ମୋ ପୋଖରୀ ଓ ବହୁମୁଖୀ ପୋଖରୀ ଯୋଜନାରେ ପୂର୍ବରୁ ପୋଖରୀ ଖୋଳି ବର୍ତ୍ତମାନ ଉକ୍ତ ପୋଖରୀକୁ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଖୋଳା ଯାଇଥିବା ଦର୍ଶାଇ ଅର୍ଥ ହଡପ କରିବାକୁ ବସିଛନ୍ତି। ଉକ୍ତ ବିଭାଗ କିପରି ପୁରୁଣା ପୋଖରୀକୁ ନେଇ ନୂତନ ପୋଖରୀ ଦର୍ଶାଇ ବିଲ କରୁଛି ତାହା ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅଭିଯୋଗକୁ ଅନ୍‌ଲାଇନ ମାଧ୍ୟମରେ ୫-ଟି ସଚିବ, ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଅତିରିକ୍ତ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି। ଅନ୍ୟପକ୍ଷରେ ବ୍ଲକକୁ ୯୯ ପୋଖରୀ ଖୋଳିବାକୁ ମଞ୍ଜୁରୀ ମିଳିଛି। ସେଥିମଧ୍ୟରୁ ସମସ୍ତ ପୋଖରୀ କାର୍ଯ୍ୟ ସରି ନ ଥିବା ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୟାନିଧି ବାଗଙ୍କୁ ପଚାରିବାରେ ପୋଖରୀ ଖୋଳା ସେପରି କିଛି ଦୁର୍ନୀତି ମୋ ନଜରକୁ ଆସିନାହିଁ। ଯଦି ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିବ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି ନିର୍ଯାତିତ ପରିବାର

**ପୋଲିସ ନୀରବ, କାର୍ଯ୍ୟାନୁଷ୍ଠାନ ଶୂନ୍**

ପାଣିକୋଇଲି, ୨୩।୬(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ରମେଶ ସେଠୀଙ୍କ ଅଭିଯୋଗ ମୁତାବକ ସେହି ଗ୍ରାମର ନନ୍ଦ ସେଠୀଙ୍କ ସହ ତାଙ୍କର ଜମିବାଡି ବିବାଦ ରହିଛି । ୨୦୨୦ ଜୁଲାଇରୁ ଏହାକୁ କେନ୍ଦ୍ରକରି ବାରମ୍ବାର ସେମାନେ ଆକ୍ରମଣର ଶିକାର ହୋଇଛନ୍ତି। ନନ୍ଦ ସେଠୀଙ୍କ ପରିବାର ପକ୍ଷରୁ ମରଣାନ୍ତକ ଆକ୍ରମଣ ମଧ୍ୟ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଜମିରେ ୧୪୪ ଧାରା ଲାଗୁ ସତ୍ତ୍ୱେ ସେମାନେ ଘର ନିର୍ମାଣ କରୁଛନ୍ତି। ଅଭିଯୋଗ ପରେ ପୋଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି । ଶେଷରେ ସେମାନେ ଅକ୍ରୋଶ ମୂଳକ ଭାବେ ରମେଶଙ୍କ ଘରକୁ



ସ୍କୁଲ ଘରେ ଆଶ୍ରୟ ନେଇଥିବା ପରିବାର।

ନିଆଁ ଲଗାଇ ଦେବାରୁ ପରିବାର ଲୋକେ ସ୍କୁଲ ଘରେ ଆଶ୍ରୟ ନେଉଛନ୍ତି । ଆଉ ଘରକୁ ଯିବାର ସୁଯୋଗ ନାହିଁ। ରମେଶ ଏ ସଂକ୍ରାନ୍ତରେ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ରାହୁଲ ପିଆରଙ୍କୁ ନିଜ ସମସ୍ୟା ଅବଗତ କରିବା ସହ ସୁରକ୍ଷା ଲୋଡ଼ିଛନ୍ତି।

# ଆଳି ପ୍ରେସ୍ କ୍ଲବ ଗଠିତ

ଆଳି, ୨୩।୬(ଡି.ଏନ.ଏ.)

ଆଳି ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳି ପ୍ରେସ୍ କ୍ଲବ ଗଠନ କରାଯାଇଛି। ମେଣ୍ଟପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଆୟୋଜିତ ସମାବେଶରେ ଖବରଦାତା ବନମାଳି ସେନାପତି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଏକତା ସ୍ଥାପନ, ନିଜର ଜୀବନ ଜୀବିକା ପାଇଁ ସାଙ୍ଗ ହୋଇ ନିଜର ଦାବି ଉପସ୍ଥାପନ କରିବା ଓ କାର୍ଯ୍ୟରତ ପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଇ ଦେବା ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କର ନିଷ୍ପତ୍ତି ଅନୁଯାୟୀ ପ୍ରେସ୍ କ୍ଲବ ଗଠନ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ନିଷ୍ପତ୍ତିକ୍ରମେ ଆଳି ପ୍ରେସ କ୍ଲବର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ବି. ସେନାପତି, ସମ୍ପାଦକ ସୁଶାନ୍ତ ଦାଶ, ଉପସଭାପତି ସ୍ନେହଜିତ ପଲାଇ, ସହସମ୍ପାଦକ ଭଗବାନ ନାୟକ, କୋଷାଧକ୍ଷ ଶଶୀଭୂଷଣ ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ରୂପେ ଜଗନ୍ନାଥ ମହାନ୍ତି ଓ ସରୋଜ ଦୀକ୍ଷିତଙ୍କୁ ମନୋନୀତ କରାଯାଇଥିଲା। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ରାୟ, ପ୍ରବୀଣ ବଳ, ଅଭୟ ସୂତାର, ବିଭୁପ୍ରସାଦ ଦାଶ, ବିଭୁପ୍ରସାଦ ମହାନ୍ତି, ଅଶ୍ୱିନୀ କୁମାର ସାହୁ ଓ ପ୍ରଭୁକଲ୍ୟାଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।





ସମାବେଶରେ ଯୋଗ ଦେଇଥିବା ଖବରଦାତା।

# ବ୍ଲକ ଅଫିସ୍ ଆଗରେ ଚାଷୀଙ୍କ ଅନଶନ

ଯାଜପୁର ଅଫିସ/ କୋରେଇ (ସ୍ୱ.ପ୍ର.), ୨୩।୬

ଯାଜପୁର ଜିଲା କୋରେଇ ବ୍ଲକ ଧନେଶ୍ୱର ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରେ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଚାଷୀମାନେ କୋରେଇ ବ୍ଲକ ସମ୍ମୁଖରେ ବୁଧବାରଠାରୁ ଗଣ ଅନଶନରେ ବସିଛନ୍ତି। ଏହି ପ୍ୟାକ୍ସ କେତେକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଚାଷୀଙ୍କୁ ଅଗ୍ରାଧିକାର ଦେଉଥିବା ନେଇ ଗତ ୮।୬।୨୦୨୧ ଓ ୧୬।୬।୨୦୨୧ରେ ଯାଜପୁର ଜିଲାପାଳ, ରାଜ୍ୟ କୃଷି ଓ ସମବାୟ ମନ୍ତ୍ରୀ, ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଚାଷୀମାନେ ତାଙ୍କର କଷ୍ଟୋପାର୍ଜିତ ଧାନକୁ ବିକ୍ରୀ କରି ନ ପାରି ଅଭାବ ଅନଟନରେ କାଳାତିପାତ କରୁଛନ୍ତି। କୋଭିଡ୍ କଟକଣା ସମୟରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଏଭଳି



ଚାଷୀମାନେ କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଅନଶନରେ ବସିଛନ୍ତି।

**ଧାନ କିଣାରେ ଅନିୟମିତତା**

ସ୍ଥିତିରେ ଚାଷୀ ନେତା ବିଜୟ କୁମାର ବୋଇତାଇଙ୍କ ନେତୃତ୍ୱରେ ହିମାଂଶୁ ଭୂଷଣ ବୋଇତାଇ, ଚୈତନ୍ୟ ବେହେରା, ଦୀପକ କୁମାର ସାହୁ, ରମେଶ ଭୂୟାଁ, ଅର୍ଜୁନ କୁମାର ସାହୁ, ଚନ୍ଦ୍ରମଣି ବେହେରା, ଜ୍ଞାନ ଶଙ୍କର ବୋଇତାଇ, ଅରୁଣ କୁମାର ସାହୁ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଚାଷୀମାନେ ପୂର୍ବାହ୍ନ ୧୦ଟାରୁ କୋରେଇ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ହେଲେ କୌଣସି ବିଭାଗୀୟ ଅଧିକାରୀ ଧାରଣାସ୍ଥଳରେ ନ ପହଞ୍ଚିବାରୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅନଶନକୁ ଅଖିଳ ଭାରତୀୟ ଅଣ ସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଜିଲା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ଖଣ୍ଡାଇ, ଜିଲା ସଂଯୋଜକ ପରମାନନ୍ଦ ସେଠୀ, ଜିଲା ଗଣମାଧ୍ୟମ ସଂଯୋଜକ ସୂର୍ଯ୍ୟପ୍ରକାଶ କୁଅଁର, ଜିଲା ପ୍ରଶିକ୍ଷଣ ସଂଯୋଜକ ପରୀକ୍ଷିତ ମଲ୍ଲିକ, ନିରଞ୍ଜନ ନାୟକ, ନରହରି କୁଅଁର, ବିରଞ୍ଚି ରାଉତ ପ୍ରମୁଖ ସମର୍ଥନ କରିବା ସହ ଚାଷୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି।

# ଝିଅ, ଧରମ ଭାଇ ଜେଲ ଗଲେ

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ବାଲିକୁଦା, ୨୩।୬(ସ୍ୱ.ପ୍ର.)

ଜଗତସିଂହପୁର ଜିଲା ବନ୍ଦର ସାମୁଦ୍ରିକ ଥାନା ଅଧୀନ ବନ୍ଦର ଗାଁରେ ମଙ୍ଗଳବାର ଜଣେ ବିଧବାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେ ହେଲେ ସ୍ୱର୍ଗତ ଭଗବାନ କାଣ୍ଡିଙ୍କ ସ୍ତ୍ରୀ ରୁମିଳା (୪୫)। ତାଙ୍କ ହାତ ବନ୍ଧା ଯାଇଥିବାରୁ ହତ୍ୟା ସନ୍ଦେହ କରାଯାଇଥିଲା। ଗ୍ରାମବାସୀ ତାଙ୍କ ଝିଅ ଓ ଧରମ ଭାଇକୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ପଚରାଉଚରା ସମୟରେ ଧରମ ଭାଇ ସହ ମିଶି ମା'ଙ୍କ ତଣ୍ଟିଚିପି ମାରି ଦେଇଥିବା ଝିଅ ସ୍ୱୀକାର କରିଥିଲେ। ବୁଧବାର ପୋଲିସ ସେମାନଙ୍କୁ ଗିରଫ କରିଛି। ହତ୍ୟାକାରୀ ମୃତା ମହିଳାଙ୍କ ଝିଅ ମାନି ଓ ତାଙ୍କ ଧରମ ଭାଇ ରାଜେଶ ଓରଫ୍ ଶିବୁ କାଣ୍ଡିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଥାନାରେ ନଂ. ୨୧/୨୧ରେ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଭାର ଏସ୍‌ଆଇ ଅନିରୁଦ୍ଧ ରାଉତ ବହନ କରିଛନ୍ତି। ମୃତକ ରୁମିଳା ପୁଅ ସଂଗ୍ରାମଙ୍କ ମୃତ୍ୟୁ ପରେ ନିଜ ଭଉଣୀଙ୍କ ପୁଅ ରାଜେଶଙ୍କୁ ଧରମ ପୁଅ କରି ପାଖରେ ରଖିଥିଲେ। ରୁମିଳା ଝିଅ ସହ ରାଜେଶଙ୍କ ମିଳାମିଶାକୁ ଆଦୌ ସହ୍ୟ କରି ପାରୁ ନ ଥିଲେ। ଫଳରେ ସେମାନେ ମା'ଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର ରଚିଥିଲେ। ସୂଚନାଥାଉକି ନିଜ ପ୍ରେମକୁ ଚରିତାର୍ଥ କରିବାକୁ ଯାଇ ରୁମିଳାଙ୍କୁ ନିଜର ଝିଅ ତା'ର ଧରମ ଭାଇ ସହ ମିଶି ମା' ପିନ୍ଧିଥିବା ଲୁଗା ପଣତର ଗୋଟିଏ ପାର୍ଶ୍ୱକୁ ତାଙ୍କ ପାଟିରେ ପୂରାଇ ବନ୍ଦ କରି ଦେଇଥିଲେ। ରୁମିଳାଙ୍କ ହାତକୁ ଏକ ଦଉଡିରେ ବାନ୍ଧି ତଳେ ପକାଇ ଦେଇଥିଲେ। ପରେ ମାନି ମା'ଙ୍କ ଗୋଡ଼କୁ ଜୋରରେ ମାଡ଼ି ବସିଥିବା ବେଳେ ରାଜେଶ ସେହି ଲୁଗା ପଣତରେ ବେକକୁ ଛନ୍ଦି ହତ୍ୟା କରିଥିଲେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସିଧାମୂଳାରେ ପୋକ ଆତଙ୍କ

ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.): ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପୋକ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମରେ ଦେଖିବାକୁ ମିଳୁଛି। କଳା ରଙ୍ଗର ଏହି ପୋକଗୁଡିକ ସ୍ଥାନୀୟ ଅଞ୍ଚଳରେ ଘୁରି ବୁଲୁଥିବା ବେଳେ ଘର ମଧ୍ୟକୁ ପ୍ରବେଶ କରୁଛନ୍ତି। ଏହି ପ୍ରଜାତିର ପୋକଗୁଡିକ ପୂର୍ବରୁ ଦେଖା ଯାଉ ନ ଥିବା ଗ୍ରାମର ଅନେକ ବୟସ୍କ ବ୍ୟକ୍ତି ମତ ଦେଇଛନ୍ତି । ପୋକ ଦମନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସିଧାମୂଳା ଗ୍ରାମର ଜନସାଧାରଣ ଦାବି କରିଛନ୍ତି ।

### ବିଦ୍ୟୁତ୍ ଆଘାତରେ ବଳଦ ମୃତ

ଗଣିଆ,୨୩।୬(ଡି.ଏନ୍.ଏ.): ଗଣିଆ ବ୍ଲକ ହରିପୁର ଗ୍ରାମରେ ବୁଧବାର ବିଦ୍ୟୁତ୍ ଆର୍ଥିଂ ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଗ୍ରାମର ଅଚ୍ୟୁତ ବେହେରାଙ୍କ ବଳଦଟି ଗୋରୁ ପଲରେ ଗ୍ରାମ ନିକଟସ୍ଥ ପଡ଼ିଆକୁ ଚରିବାକୁ ଯାଇଥିଲା । ପଡ଼ିଆ ମଧ୍ୟ ଦେଇ ଯାଇଥିବା ବିଦ୍ୟୁତ୍ କଟ୍ ପଏଣ୍ଟର ଆର୍ଥିଂ ସଂସ୍ପର୍ଶରେ ଆସି ବଳଦଟିର ମୃତ୍ୟୁ ହୋଇଥିଲା । କଟ୍ ପଏଣ୍ଟ ଚାରିପାଖରେ ତାରବାଡ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁଙ୍କୁ ପଚାରିବାରୁ କଟ୍ ପଏଣ୍ଟ ଚାରିପାଖରେ ତାର ବାଡ ଦେବାପାଇଁ କୌଣସି ନିୟମ ନାହିଁ । ତଦନ୍ତ ପରେ ବଳଦର କିଭଳି ମୃତ୍ୟୁ ହେଲା ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି ।

### ଶାଶୁଙ୍କୁ ହତ୍ୟା ଘଟଣା, ଜ୍ୱାଇଁ ଗିରଫ

ବେଗୁନିଆପଡ଼ା,୨୩।୬(ଡି.ଏନ.ଏ.): ବେଗୁନିଆପଡା ଫାଣ୍ଡି ମାଗୁରାଣୀ ଚାଞ୍ଚରା ଗ୍ରାମରେ ଗତ ରବିବାର ଜ୍ୱାଇଁଙ୍କ ମାଡ଼ରେ ଶାଶୁ ଜାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଧବାର ପୋଲିସ ମାମଲା ନଂ. ୩୦୦/୨୧ ରେ ଜ୍ୱାଇଁ ଡ଼ି.ମୁରଲୀ ପାତ୍ରଙ୍କୁ କୋର୍ଟଚାଲାଣ କରିଛି। ଉକ୍ତ ଗ୍ରାମର ଜାନକୀଙ୍କ ଝିଅ ଲକ୍ଷ୍ମୀଙ୍କୁ.ମୁରଲୀ ବିବାହ କରିଥିଲେ। ରବିବାର ମୁରଲୀ କୌଣସି କଥାକୁ ନେଇ ଲକ୍ଷ୍ମୀଙ୍କ ମାଡ଼ ମାରିଥିଲା। ଜାନକୀ ଛଡ଼ାଇବାକୁ ଆସିବାରୁ ସେ ସବୁ କାଣ୍ଡ କରୁଛନ୍ତି ବୋଲି ସନ୍ଦେହ କରି ମୁରଲୀ ଶାଶୁଙ୍କୁ ନିସ୍ତୁକ ମାଡ଼ ମାରି ମୁମୂର୍ଷୁ ଅବସ୍ଥାରେ ଛାଡ଼ି ଫେରାର ହୋଇଯାଇଥିଲେ। ଜନକୀଙ୍କ ସ୍ୱାମୀ ସୁବାସଙ୍କ ଏତଲାକୁ ଭିତ୍ତି କରି ପୋଲିସ ମୁରଲିକୁ ଗିରଫ କରିଥିଲା।

### ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ, ୩ ଗିରଫ

ଆର.ଉଦୟଗିରି,୨୩।୬(ଡି.ଏନ.ଏ.): ଆର.ଉଦୟଗିରି ପୋଲିସ ମଙ୍ଗଳବାର ଶରଳାପଦର ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଗୋରୁ ବୋଝେଇ ଗାଡି ଜବତ କରିଥିଲା। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ନଂ. ୭୭/୨୧ ରେ ମାମଲା ରୁଜୁକରି ବୁଧବାର କୋର୍ଟ ଚାଲାଣ କରିଛି। ପିକଅପ୍ (ନଂ ଓଆର୨୦-୫୬୩୫)ରେ ୮ଟି ଗୋରୁ ଧରି ଅଭିଯୁକ୍ତମାନେ ଆନ୍ଧ୍ର ଅଭିମୁଖେ ଯାଉଥିବା ସମୟରେ ପୋଲିସ ଅଟକାଇ ଯାଞ୍ଚ କରିବା ସହ ଥାନାକୁ ଆଣିଥିଲା।

# ରାଶନ କାର୍ଡ ପାଇଁ ୫ ବର୍ଷ

- ସ୍ୱାମୀଙ୍କ ପରଲୋକ ପରେ ମଞ୍ଜୁରୀ ମିଳିଲା
- ଆଜି ପର୍ଯ୍ୟନ୍ତ ମିଳିନାହିଁ ରାଶନ କାର୍ଡ
- ସରକାରୀ ଯୋଜନା ଉପରେ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ,୨୩।୬

ଗୋଟିଏ ରାଶନ କାର୍ଡ ପାଇଁ ୫ବର୍ଷର ସଂଗ୍ରାମ । ୩୦ରୁ ଊର୍ଦ୍ଧ୍ୱ ଥର ଆବେଦନ, ତଥାପି ହାର ମାନି ନ ଥିଲେ ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତ କଇଁଫୁଲିଆ ଗାଁର ଉପେନ୍ଦ୍ର ମହାରଣା ଓ ତାଙ୍କ ସ୍ତ୍ରୀ ଗଭା। କାର୍ଡ ଖଣ୍ଡିଏ ପାଇଁ ସେ ବାରମ୍ବାର ଆବେଦନ କରୁଥିଲେ । ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦେଖା କରୁଥିଲେ । ତଥାପି କାର୍ଡ ଖଣ୍ଡିଏ ତାଙ୍କୁ ମିଳିଲା ନାହିଁ । ଆର୍ଥିକ ଅନଟନ ଓ ନାନା ରୋଗବ୍ୟାଧିରେ ଉପେନ୍ଦ୍ରଙ୍କ ପରଲୋକ ଘଟିଲା । ଏକୁଟିଆ ହୋଇଗଲେ ଗଭା । ଏହାର କିଛିଦିନ ପରେ ସେ ପୁଣିଥରେ ରାଶନ କାର୍ଡ ପାଇଁ ଆବେଦନ କଲେ। ଶେଷରେ କାର୍ଡ ପାଇଁ ମଞ୍ଜୁରୀ ମିଳିଛି । ଜୁନ ୨୧ରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏ ସଂକ୍ରାନ୍ତରେ ଟୁଇଟ୍ କରାଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ କାର୍ଡ ମିଳିନି ବୋଲି ଗଭା ଅଭିଯୋଗ କରିଛନ୍ତି।

ନିଜର ଦୁଃଖ ବଖାଣିଛନ୍ତି ଗଭା, ତାଙ୍କର ୩ ଝିଅ ଓ ଗୋଟିଏ ପୁଅ । ପୁଅ ମଧୁମେହ ରୋଗରେ ପୀଡ଼ିତ । ଝିଅମାନେ ବିଭା ହୋଇ ନାହାନ୍ତି । ଅର୍ଥାଭାବ ବିବାହରେ ବାଧକ ସାଜିଛି। ଚାଳ ଛପର କରିବାକୁ ପାଖରେ ଟଙ୍କା ନାହିଁ । ଜମିବାଡି ନାହିଁ । ସ୍ୱାମୀଙ୍କ ରୋଜଗାରରେ ଘର ଚଳୁଥିଲା । ପୁଅ ରୋଗରେ ପଡ଼ିବା


କଇଁଫୁଲିଆ ଗାଁର ଉପେନ୍ଦ୍ର ମହାରଣାଙ୍କ ପରିବାର ।

ପରେ ଦୁଃଖ ଆହୁରି ବଢ଼ିଲା । ଡାକ୍ତର ଓ ଔଷଧ ଖର୍ଚ୍ଚ ସମ୍ଭାଳିବାକୁ ସାହସ ନ ଥିଲା । ଏଭଳିସ୍ଥିତିରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ମିଳୁଥିବା ଚାଉଳରେ ଘରର କିଛି କଷ୍ଟ ଲାଘବ ହେଉଥିଲା । ହେଲେ ଖାଦ୍ୟ ସୁରକ୍ଷା ଯୋଜନା ସରକାର ଲାଗୁ କରିବା ପରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ କଟିଗଲା । ରାଶନ କାର୍ଡ ପାଇଁ ଆବେଦନ କରିଥିଲେ ମଧ ମିଳିଲା ନାହିଁ । ଗାଁର ଅଧିକାଂଶ ପରିବାର ସ୍ୱଚ୍ଛଳ ବର୍ଗର ଥିଲେ ମଧ୍ୟ ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି ସାମଗ୍ରୀ ପାଇଲେ । ହେଲେ ଗଭାଙ୍କ ପରିବାର ଭୋକ ଉପାସରେ ଦିନ କାଟିଲେ । ଉପେନ୍ଦ୍ର ରାଶନ କାର୍ଡ ପାଇବା ପାଇଁ ୫ ବର୍ଷ ଧରି ସଂଗ୍ରାମ କଲେ । ସରପଞ୍ଚ, ବିଡିଓ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଜିଲାପାଳଙ୍କୁ ଭେଟିଲେ । ସବୁଠି ମିଳିଲା ଆଶ୍ୱାସନା ଓ ପ୍ରତିଶ୍ରୁତି । ହେଲେ କେହି କାର୍ଡ କରାଇ ଦେଲେନାହିଁ। ଏପରି ପରିସ୍ଥିତିରେ ଗତ ଏପ୍ରିଲ ୨୬ରେ ଉପେନ୍ଦ୍ରଙ୍କ ପରଲୋକ ଘଟିଲା। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଅବସ୍ଥା ଦୟନୀୟ ହୋଇ ପଡିଲା। ପରିସ୍ଥିତିକୁ ଦେଖି ଗଭା ଗତ ମେ ୩୧ରେ ପୁଣି ରାଶନ କାର୍ଡ ପାଇଁ ଭାପୁର ବିଡିଓଙ୍କ ନିକଟରେ ଆବେଦନ କରିବା ପରେ ତାହା ମଞ୍ଜୁର ହୋଇଥିଲା ।

ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଥିବା ପରିବାରକୁ ବାଦ୍ ଦେଇ ପ୍ରଶାସନ ଓ ସରକାର ବାହାବା ନେଉଛନ୍ତି । ସବୁ କିଛି ଠିକ୍ ଚାଲିଛି ବୋଲି କହୁଛନ୍ତି। ସ୍ୱଚ୍ଛଳବର୍ଗର ଲୋକେ କିପରି ରାଶନକାର୍ଡ ପାଉଛନ୍ତି ସେନେଇ ଏକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଛି । ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ନୂଆପଲ୍ଲୀ ଗାଁରେ ଜଣେ ଠିକାଦାର ଖାଦ୍ୟ ସୁରକ୍ଷା ଯୋଜନା ରାଶନ କାର୍ଡ ହାତେଇଛନ୍ତି। ଟ୍ରାକ୍ଟର, ୩ ମହଲା ଛାତ ଘର ଥାଇ ସେ ନିଜ ମା' ନାଁରେ ଖାଉଟି ସାମଗ୍ରୀ ପାଉଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ପ୍ରଶାସନ ଚିହ୍ନଟ କରିପାରୁନାହିଁ । ବରଂ ଗରିବଙ୍କୁ ସ୍ୱଚ୍ଛଳ ବର୍ଗ ଦର୍ଶାଇ ଖାଦ୍ୟ ସୁରକ୍ଷା ଯୋଜନାରୁ ଚତୁରତାର ସହ ବାଦ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି ।


କ୍ଷୁଦ୍ର ଚଳଚ୍ଚିତ୍ର କର୍ତ୍ତବ୍ୟର ଏକ ଦୃଶ୍ୟ ।

## କ୍ଷୁଦ୍ର ଚଳଚ୍ଚିତ୍ର 'କର୍ତ୍ତବ୍ୟ'ରେ କରୋନାର ବାର୍ତ୍ତା

ନୟାଗଡ଼ ଅଫିସ,୨୩।୬

ନୟାଗଡ଼ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'କର୍ତ୍ତବ୍ୟ'କୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚା । ନୟାଗଡ଼ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୋଡରର କମ୍ପ୍ୟୁଟର ଶିକ୍ଷକ ବିଭୁପ୍ରସାଦ ସାହୁ ଏହାର ସଂଳାପ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ। ସହର ପରେ ଏବେ ଗାଁରେ ଆତଙ୍କ ସୃଷ୍ଟି କରିଛି କରୋନା। ଗ୍ରାମାଞ୍ଚଳରେ କରୋନା ମୃତ୍ୟୁହାର ଦିନକୁ ଦିନ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। କୋଭିଡ୍ ନିୟମକୁ କିଭଳି ଗ୍ରାମବାସୀ କଡ଼ାକଡ଼ି ଭାବେ ପାଳନ କରିବେ ଏବଂ ଅଧିକରୁ ଅଧିକ ସତର୍କ ରହିବେ, ସେଥିପାଇଁ ରାଜ୍ୟ ସରକାର ଜାରି କରିଛନ୍ତି ନୂଆ ଗାଇଡଲାଇନ୍ । ଏହିଭଳି କିଛି ସଚେତନତା ଖବର ଭାସି ଆସୁଥାଏ ରେଡ଼ିଓରୁ । ସେହି ଖବର ଶୁଣି, ଗୋଟିଏ ଗରିବ କୃଷକ ପରିବାରର ସ୍ତ୍ରୀ ମନରେ ଉଠିଥିବା କରୋନା ଭୟକୁ କିଭଳି ଦୂର କରିଛନ୍ତି ସେମାନଙ୍କ ପିଲାମାନେ ଓ ବାପାଙ୍କ କର୍ତ୍ତବ୍ୟକୁ ନେଇ କାହିଁକି ଗର୍ବ କରିଛନ୍ତି ସେମାନେ, ଏ ସମସ୍ତ ପ୍ରଶ୍ନର ଅତି ସୁନ୍ଦର ଉତ୍ତର ରହିଛି କ୍ଷୁଦ୍ର ଚଳଚ୍ଚିତ୍ର 'କର୍ତ୍ତବ୍ୟ'ରେ । ମାତ୍ର ୨ ମିନିଟ ୨୪ ସେକେଣ୍ଡ ଅବଧି ବିଶିଷ୍ଟ ଏହି ଚଳଚ୍ଚିତ୍ର ରେ ଅତି ନିଛକ ଅଭିନୟ କରିଛନ୍ତି ପଣିକିଆ ଗାର୍ଲ ପ୍ରୀତି ସୁଲଗ୍ନା, ଶ୍ରୁତି ସୁଲଗ୍ନା, ଶୁଭଶ୍ରୀ ସନମ୍ ଦାଶ ଏବଂ କୁରେଶ ଚନ୍ଦ୍ର ସାହୁ । ସାରାଭାରତକୁ ସଚେତନ ବାର୍ତ୍ତା ଦେବା ପାଇଁ ଏହି ଚଳଚ୍ଚିତ୍ର ଉଭୟ ଓଡ଼ିଆ ଏବଂ ହିନ୍ଦି ଭାଷାରେ ମଧ ପ୍ରସ୍ତୁତ କରଯାଇଛି ।

# ଦେବସ୍ନାନ ପୂର୍ଣ୍ଣମୀ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱଠାକୁର ଭାବେ ବିରାଜିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଗୁରୁବାର ଦେବସ୍ନାନ ପୂର୍ଣ୍ଣମୀରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନ ମଣ୍ଡପକୁ ବିଜେ କରିବେ। ତିନି ଠାକୁରଙ୍କ ସ୍ନାନ ଯାତ୍ରା ପାଇଁ ରବିବାରଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯାଇଛି। ବୁଧବାର ଠାକୁରଙ୍କ ଅଧିବାସ କର୍ମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୋର ୫ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ ହୋଇଥିଲା । ଶ୍ରୀଜୀଉଙ୍କ ଚକାଛାଡ ଓ ପହଣ୍ଡି ବିଜେ ପୂର୍ବାହ୍ନ ୯ଟାରେ ଶେଷ ହୋଇଛି । ଗୁରୁବାର ସ୍ନାନ ପୂର୍ଣ୍ଣମୀ ତିଥିରେ ଭୋର ୫ଟାରେ ଦ୍ୱାରଫିଟା, ସ୍ନାନ ଅବକାଶ ସାଢେ ୫ଟା, ରୋଷହୋମ ୫.୪୫, ସହସ୍ର କୁମ୍ଭରେ ମାଧବଙ୍କ ସ୍ନାନ ପୂର୍ବାହ୍ନ ୮ଟା, ତିନି ଠାକୁରଙ୍କ ସହ ସୁଦର୍ଶନଙ୍କ ସ୍ନାନ ସାଢେ ୮ଟା, ହାତୀ ବେଶ ପୂର୍ବାହ୍ନ ୯ଟା, ସୂର୍ଯ୍ୟପୂଜା ୯.୧୫, ଦ୍ୱାରପାଳ ପୂଜା ୯.୩୦, ଶ୍ରୀଜୀଉମାନଙ୍କ ଗୋପାଳ ବଲ୍ଲଭ ୯.୪୫, ସକାଳ ଧୂପ ୧୦.୩୦, ଭୋଗ ମଣ୍ଡପ ଧୂପ ୧୧.୩୦, ସ୍ନାନ ବେଦୀରେ ଧୂପ ଅପରାହ୍ନ ୪ଟା, ନୀଳମାଧବଙ୍କ ଦ୍ୱିପ୍ରହର ଧୂପ ଅପରାହ୍ନ ୫ଟା, ଦିନ ପହୁଡ ୫.୩୦, ପହଡ ଖୋଲା ଅପରାହ୍ନ ୬ଟା, ସନ୍ଧ୍ୟା ଆଳତୀ ୭ଟା, ପଟି ଦିଅଁ ପୂଜା ୯.୪୫ ଓ ପହୁଡ ରାତି ୧୦.୧୫ ମିନିଟିରେ ସମ୍ପନ୍ନ ହେବ ବୋଲି ମନ୍ଦିର ପ୍ରଶାସନ ସୂତ୍ରରୁ ସମୟ ନିର୍ଘଣ୍ଟ କରାଯାଇଛି । ଏହି ସବୁ କାର୍ଯ୍ୟକ୍ରମ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ଶରଣ ଶ୍ରୀକ୍ଷେତ୍ରରୁ ଆସିଲା ଫୁଲ, ତୁଳସୀ


ଶ୍ରୀନୀଳମାଧବଙ୍କ ପୀଠରେ ଚିଣ୍ଟୁବାବା ।

ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.)

ଗୁରୁବାର ଶ୍ରୀଜୀଉଙ୍କ ସ୍ନାନଯାତ୍ରା ପାଇଁ ଢେଙ୍କାନାଳ ଜିଲା ଓଡପଡା ବ୍ଲକ ଅନ୍ତର୍ଗତ ଏକଘରିକିଆ ଗ୍ରାମର ଶରଣ ଶ୍ରୀକ୍ଷେତ୍ରରୁ ତୁଳସୀ, ବିଭିନ୍ନ ପ୍ରକାର ଫୁଲ ଓ ପୂଜା ସାମଗ୍ରୀ ଧରି ପହଞ୍ଚିଛନ୍ତି ଚିଣ୍ଟୁ ବାବା । ଏବେ କରୋନା କଟକଣା ଯୋଗୁ ଶ୍ରୀଜୀଉଙ୍କ ଲାଗି ଆବଶ୍ୟକ ଫୁଲ, ଦୟଣା, ତୁଳସୀର ଅଭାବ ଦେଖା ଦେଇଛି । ଶ୍ରଦ୍ଧାଳୁମାନେ ଆସୁ ନ ଥିବାରୁ ଫୁଲ,ତୁଳସୀ ମିଳୁନାହିଁ । ଏହାକୁ ଆଖି ଆଗରେ ରଖି ଚିଣ୍ଟୁବାବା ନିଜ ବାଇକ୍‌ରେ ପୂଜା ସାମଗ୍ରୀ ସହିତ ଫୁଲ, ତୁଳସୀ ଧରି ଆସିଥିଲେ ବୋଲି କହିଛନ୍ତି ।

## ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ନୟାଗଡ଼ ଅଫିସ,୨୩।୬

ନୟାଗଡ଼ ଜିଲାରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ବୁଧବାର ୧୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର୫୭୫ରେ ପହଞ୍ଚିଛି। ବୁଧବାର ରିପୋର୍ଟ ଅନୁଯାୟୀ, ଭାପୁର ବ୍ଲକରେ ୫, ଦଶପଲ୍ଲା ବ୍ଲକରେ ୧୯,ଗଣିଆ ବ୍ଲକରେ ୫, ଖଣ୍ଡପଡା ବ୍ଲକରେ ୧୭, ନୟାଗଡ ବ୍ଲକରେ ୧୮, ନୂଆଗାଁ ବ୍ଲକରେ ୮, ଓଡ଼ଗାଁ ବ୍ଲକ ୧୬, ରଣପୁର ବ୍ଲକ ୩୨, ନୟାଗଡ଼ ପୌରାଞ୍ଚଳରେ ୬ଜଣ ଚିହ୍ନଟ ହୋଇଛନ୍ତି। କରୋନାର ପ୍ରଥମ ଓ ୨ୟ ଲହରରେ ନୟାଗଡ଼ ଜିଲାରୁ ୬୨ଜୀବନ ଯାଇଛି ।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର

ନୟାଗଡ଼ ଅଫିସ,୨୩।୬

ନୟାଗଡ଼ ବସଷ୍ଟାଣ୍ଡରୁ ଅପହରଣ ହୋଇଥିବା ୧୬ ବର୍ଷର ନାବାଳିକାଙ୍କୁ ୨୪ ଘଣ୍ଟା ଭିତରେ ନୟାଗଡ଼ ଟାଉନ ଥାନା ପୋଲିସ ଭାପୁର ଅଞ୍ଚଳରୁ ଉଦ୍ଧାର କରିଛି । ଅନ୍ୟପକ୍ଷେ ପୋଲିସ ବଳାତ୍କାରୀ ସହ ଜଣେ ନାବାଳକ ସହଯୋଗୀଙ୍କୁ ଅଟକ ରଖି ବୁଧବାର କୋର୍ଟରେ ହାଜର କରାଇଥିଲା । ବଳାତ୍କାରୀ ଫତେଗଡ ଥାନା ଅଧୀନ ପଦ୍ମାବତୀ ଗାଁର ମୁକେଶ ଖଟୁଆ(୧୯)ଙ୍କ ଜାମିନ ନାମଞ୍ଜୁର ପରେ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ନାବାଳକଙ୍କୁ ଅନୁଗୁଳ ବାଳ ସୁଧାର ଗୃହକୁ ପଠାଯାଇଛି । ସୂଚନାଯୋଗ୍ୟ, ସୋମବାର ନୟାଗଡ଼ ସହରର ଜଣେ ୧୬ ବର୍ଷୀୟା ନାବାଳିକା ନିଖୋଜ ହୋଇଥିଲେ । ତାଙ୍କୁ ମୁକେଶ ଖଟୁଆ ଅପହରଣ କରି ବଳାତ୍କାର କରିଥିଲେ । ଖବର ପାଇ ଟାଉନ ଥାନା ପୋଲିସ ମଙ୍ଗଳବାର ମୁକେଶଙ୍କୁ ଗିରଫ କରିବା ସହ ନାବଳିକାଙ୍କୁ ଉଦ୍ଧାର କରିଥିଲା । ଉଭୟଙ୍କର ଡାକ୍ତରୀ ମାଇନା ବୁଧବାର କରାଯାଇଛି ।

# ନାକିଠଣାରେ ୩.୬୦ ଲକ୍ଷ ଲୁଟ୍

- ଲଙ୍କାଗୁଣ୍ଡ ପକାଇ ଲୁଟି ନେଲେ ୪ ଲୁଟେରା
- ଅଭିଯୋଗ କରି ଥାନାରେ ମାଡ଼ ଖାଇଲେ ମାଛ ବ୍ୟବସାୟୀ

ନୟାଗଡ଼ ଅଫିସ/ରଣପୁର, ୨୩।୬ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ନାକିଠଣାରେ ବୁଧବାର ଅପରାହ୍ନରେ ଚାନ୍ଦପୁର ଶାସ୍ତ୍ରୀନଗରର ଦାଶରଥି ପ୍ରଧାନ ନାମକ ଜଣେ ପାଇକରୀ ମାଛ ବ୍ୟବସାୟୀଙ୍କଠାରୁ ୩.୬୦ ଲକ୍ଷ ଲୁଟ୍ ହୋଇଛି । ୪ଜଣ ଲୁଟେରା ତାଙ୍କୁ ଧକ୍କା ମାରିବା ସହ ଲଙ୍କା ଗୁଣ୍ଡ ଆଖି ଓ ଦେହର ପକାଇ ଟଙ୍କା ବ୍ୟାଗ୍‌କୁ ଲୁଟି ନେଇଛନ୍ତି । ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ପୋଲିସ ତାଙ୍କୁ ଲୁଟେରା ଭାବି ପିଟିଥିଲା । ଏବେ ସେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ମିଳିଛି । ଦାଶରଥି ବକେୟା ଟଙ୍କା ନେଇ ଗାଁକୁ ଫେରୁଥିଲେ। ନାକିଠଣାରେ ତାଙ୍କୁ ୨ଟି ବାଇକ୍‌ରେ ଆସିଥିବା ୪ ଯୁବକ ଅଟକାଇଥିଲେ । ସେମାନେ ସମସ୍ତେ ମୁଣ୍ଡରେ ହେଲମେଟ ପିନ୍ଧି ଥିଲେ । ଦାଶରଥିଙ୍କୁ ପ୍ରଥମେ ଗୋଇଠା ମାରି ଚଳନ୍ତା ବାଇକ୍‌ରୁ ତଳେ ପକାଇ ଦେଇଥିଲେ । ଏହାପରେ ଲଙ୍କା ଗୁଣ୍ଡ ଆଖି ଓ ଦେହରେ ପକାଇ ଟଙ୍କା ବ୍ୟାଗ ଛଡାଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ସେ ଅଭିଯୋଗ କରିବାକୁ ଚାନ୍ଦପୁର ଥାନାକୁ ଯାଇଥିଲେ । ହେଲେ ପୋଲିସ ଲୁଟ୍ ସମ୍ପର୍କରେ ଶୁଣି ମାଛ ବ୍ୟବସାୟୀଙ୍କୁ ଲୁଟେରା ଭାବି ନିସ୍ତୁକ ପିଟି ଥିଲା । ପରେ ତାଙ୍କୁ ସାଙ୍ଗରେ ଧରି ତଦନ୍ତ ଆରମ୍ଭ କରିଥିଲା ।

## ନୀଳମାଧବ ପୂଜକ ସମାଜ ପକ୍ଷରୁ ମାନପତ୍ର ପ୍ରଦାନ


ଟ୍ରଷ୍ଟ ସଭାପତିଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.)

ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ଟ୍ରଷ୍ଟର କର୍ମକର୍ତ୍ତା ବିଭିନ୍ନ ଧାର୍ମିକ ଅନୁଷ୍ଠାନକୁ ଯାଇ ତା'ର ପାରିପାର୍ଶ୍ୱିକ ଅଞ୍ଚଳକୁ ସଫା କରିଥାନ୍ତି । ଏହି ଅନୁଷ୍ଠାନର ସଭାପତି ବିପ୍ଳବ କୁମାର ଦାସ ସନାତନ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଉପରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାନ୍ତି । ଏଥିପାଇଁ ଦାସଙ୍କୁ ଶ୍ରୀ ନୀଳମାଧବ ପୂଜକ ସମାଜ ପକ୍ଷରୁ ମଙ୍ଗଳବାର ମନ୍ଦିର ପରିସରରେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ର, ସମ୍ପାଦକ ମନୋଜ କୁମାର ମିଶ୍ର, ସଦସ୍ୟ ଶ୍ରବଣରାମ ମିଶ୍ର, ରାଶେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ମୃତ୍ୟୁକୁ ଲୁଚାଇବାର ପ୍ରତିବାଦ

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ
- ଜିଲାପାଳ ଓ ସିଡିଏମ୍ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୟାଗଡ଼ ଅଫିସ,୨୩।୬

ନୟାଗଡ଼ ଜିଲାରେ କୋଭିଡ୍ ମୃତ୍ୟୁକୁ ଲୁଚାଇବାର ପ୍ରତିବାଦ କରି ଜିଲାପାଳ ଓ ସିଡିଏମ୍ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନୟାଗଡ଼ ଜିଲା ପାଇଁ ଠିକ୍ କୋଭିଡ୍ ମୃତକଙ୍କ ତାଲିକା ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଡିଟ୍ ଟିମ୍ ଗଠନ କରିବା, କୋଭିଡ୍ ପରିଚାଳନାରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ସମ୍ପର୍କରେ ଜିଲାପାଳ ଶ୍ୱେତପତ୍ର ପ୍ରକାଶ କରିବା, ପ୍ରତ୍ୟେକ କୋଭିଡ୍ ପଜିଟିଭ୍ ଥିବା ମୃତକଙ୍କୁ କୋଭିଡ୍ ମୃତ୍ୟୁ ଘୋଷଣା କରିବା ପରି ଅନୁରୂପ ଦାବି ରହିଛି । ସେହିଭଳି ଜାତୀୟ ବିପତ୍ତି ବେଳେ ଜିଲାପାଳ ନିଜ ଆବାସିକ କାର୍ଯ୍ୟାଳୟ ଛାଡି ସରକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହି ଲୋକଙ୍କୁ ଦୁଃଖ ବୁଝିବାକୁ ଦାବି କରାଯାଇଛି ।

ଏହି ବିକ୍ଷୋଭରେ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, ଉପସଭାପତି କମଳ ଚରଣ ସାହୁ, ସରପଞ୍ଚ ସତ୍ୟବାନ ନାୟକ, ନୟାଗଡ ବ୍ଲକ କଂଗ୍ରେସ ସଭାପତି ଫକୀର ମଲ୍ଲ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଂଯୋଜକ ସୁକାନ୍ତ ଶତପଥୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାତ୍ର, ଜିଲା କଂଗ୍ରେସ କୃଷକ ସେଲ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ଜିଲା ଯୁବ ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣା ଦେଉଛନ୍ତି।

## ନିଖୋଜ ନାବାଳିକା ଉଦ୍ଧାର

ଗୋପାଳପୁର, ୨୩।୬

ଗୋପାଳପୁର ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ବୁଧବାର ପୋଲିସ ବ୍ରହ୍ମପୁର ଅଞ୍ଚଳରୁ ଉଦ୍ଧାର କରିଛି। ଗତ ୧୬ ତାରିଖ ଭୋର ସମୟରେ ପରିବାର ଲୋକ ଶୋଇଥିବା ସମୟରେ ନାବାଳିକା ହଠାତ ଘରୁ ନିଖୋଜ ହୋଇଯାଇଥିଲେ।

# ତହସିଲଦାରଙ୍କ ଉଦାସୀନତା ଯୋଗୁ ଗ୍ରୀଡ୍ ପ୍ରତିଷ୍ଠା ହେଲା ନାହିଁ

ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.)

ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ ଓ ଲୋଭୋଲଟେଜ୍ ସମସ୍ୟାର ସମାଧାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖଣ୍ଡପଡା ବିଦ୍ୟୁତ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାରଠାରୁ ଆରମ୍ଭ କରିଥିବା ଗଣଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଁଞ୍ଚିଛି । ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବାକୁ ପ୍ରସ୍ତାବ ଥିବା ଗ୍ରୀଡ ପାଇଁ ପ୍ରାୟ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ସ୍ଥାନୀୟ ତହସିଲଦାରଙ୍କ ଉଦାସୀନତା ଯୋଗୁ ଯଥା ସମୟରେ ଜମି ଅଧିଗ୍ରହଣ ହୋଇପାରି ନ ଥିଲା । ଫଳରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ବୋଲି ଧାରଣା ସ୍ଥଳକୁ ଆସିଥିବା ନୟାଗଡ଼ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ମହାପାତ୍ର, କହିଛନ୍ତି । ବୁଧବାର ପରିଷଦର କର୍ମକର୍ତ୍ତାମାନେ ଧାରଣାରେ ବସିଥିବା ବେଳେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ.ମହାପାତ୍ର, ଖଣ୍ଡପଡା ସହକାରୀ ଯନ୍ତ୍ରୀ ଇଂ. ପ୍ରତ୍ୟୁଷ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ । ଆସନ୍ତା ୧ମାସ ମଧ୍ୟରେ କିଛି ବିଦ୍ୟୁତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତର କୋଟପୋଖରୀ ଗ୍ରାମ ନିକଟରେ ଥିବା ନୂତନ ସବ୍‌ଷ୍ଟେଶନକୁ ଜୁଲାଇ ୧୦ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ତେବେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଗଣ ଧାରଣା ଚାଲୁ ରହିବ ବୋଲି ଭାରତୀୟ ବିକାଶ ପରିଷଦର ଖଣ୍ଡପଡା ବ୍ଲକ ସଭାପତି ନିରଞ୍ଜନ ଦାସ ସୂଚନା ଦେଇଛନ୍ତି ।

## ୨ୟ ଦିନରେ ପହଞ୍ଚିଲା ଗଣଧାରଣା



ଧାରଣାସ୍ଥଳରେ ନିର୍ବାହୀ ଯନ୍ତ୍ରୀ ଆଲୋଚନା କରୁଛନ୍ତି ।